# ଔପନିବେଶିକ ବଜେଟ୍ ବ୍ୟବସ୍ଥା- ମୁକ୍ତି କେବେ ?

## ବଜେଟ୍ କ'ଣ

ଶୁଣିବାକୁ ବିସ୍ମୟ ଲାଗିପାରେ, 'ବଜେଟ୍' ଶବ୍ଦ, ଯାହାକି ଉଭୟ ସରକାରୀ ଓ ବେସରକାରୀ ପରିଭାଷାରେ ସର୍ବତ୍ର ବ୍ୟବହାର କରାଯାଉଛି, ତାହା ସମ୍ବିଧାନରେ ନାହିଁ । ବଜେଟ୍‌ର ସାମ୍ବିଧାନିକ ପରିଭାଷା ହେଲା 'ବାର୍ଷିକ ଆର୍ଥିକ ବିବରଣୀ', ଯାହାକି କେନ୍ଦ୍ରୀୟ ସଂସଦ ପରିପ୍ରେକ୍ଷୀରେ ଧାରା ୧୧୨ରେ ଏବଂ ରାଜ୍ୟ ଆଇନ୍‌ସଭା କ୍ଷେତ୍ରରେ ଧାରା ୨୦୨ରେ ସଂଜ୍ଞାୟିତ କରାଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ କ୍ଷେତ୍ରରେ କେବଳ ବଜେଟ୍‌ର ସଂଜ୍ଞା ନୁହେଁ, ବରଂ ଏହାର ଉପସ୍ଥାପନ ଏବଂ ଅନୁମୋଦନର ପ୍ରକ୍ରିୟା ମୋଟ୍ ଉପରେ ସମାନ ଧରଣର । ସମ୍ବିଧାନର ଭାଷାରେ କେନ୍ଦ୍ରୀୟ ରାଜକୋଷକୁ 'ଭାରତର ଏକତ୍ରୀକୃତ ପାଣ୍ଠି' ଓ ରାଜ୍ୟର ରାଜକୋଷକୁ 'ରାଜ୍ୟ ଏକତ୍ରୀକୃତ ପାଣ୍ଠି' ବୋଲି ନାମିତ କରାଯାଇଛି । କେବଳ 'ସର୍ବସାଧାରଣ ହିସାବ' (ପବ୍ଲିକ୍ ଆକାଉଣ୍ଟସ୍) ଓ 'ଜରୁରୀ ପାଣ୍ଠି' (କଣ୍ଟିନ୍‌ଜେନ୍ସି ଫଣ୍ଡ)କୁ ଛାଡିଦେଲେ କେନ୍ଦ୍ର ବା ଏକ ରାଜ୍ୟର ଉଭୟ ଆୟ ଏବଂ ବ୍ୟୟ ବାବଦ ସମସ୍ତ ଅର୍ଥରାଶି ଉପରୋକ୍ତ ଏକତ୍ରୀକୃତ ପାଣ୍ଠି (କନ୍‌ସୋଲିଡେଟେଡ୍ ଫଣ୍ଡ୍ ଅଫ୍ ଇଣ୍ଡିଆ) ମାଧ୍ୟମରେ ସମ୍ପାଦିତ ହୋଇଥାଏ (ଦ୍ରଷ୍ଟବ୍ୟ- ସମ୍ବିଧାନର ଧାରା ୨୬୬ ଓ ୨୬୭) । ମୋଟ୍ ଉପରେ ବଜେଟ୍ କହିଲେ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ଏହି ଏକତ୍ରୀକୃତ ପାଣ୍ଠିକୁ ଆୟ ଓ ଏଥିରୁ ବ୍ୟୟ ସମ୍ବନ୍ଧୀତ ଆକଳନକୁ ବୁଝାଇଥାଏ ।

## ଭାରିତ ବ୍ୟୟ ଓ ଅଭାରିତ ବ୍ୟୟ

ଧାରା ୧୧୨(୨) ଓ ଧାରା ୨୦୨(୨) ଅନୁଯାୟୀ ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟର ପ୍ରତି ବାର୍ଷିକ ବଜେଟ୍ ମୂଳତଃ ଦୁଇଟି ବିଷୟରେ ଆକଳନକୁ ସ୍ଥାନିତ କରିଥାଏ, ଯଥା ଏକତ୍ରୀକୃତ ପାଣ୍ଠିରୁ ଭାରିତ (ଚାର୍ଯ୍ୟଡ୍) ବ୍ୟୟ ଏବଂ ଅନ୍ୟାନ୍ୟ ବ୍ୟୟ, ଯାହାକୁ ଧାରା ୧୧୩(୨)ରେ ବ୍ୟୟମଞ୍ଜୁରି ପାଇଁ ଦାବୀସମୂହ (ଡିମାଣ୍ଡ ଫର୍ ଗ୍ରାଣ୍ଟସ୍) ବୋଲି କୁହାଯାଇଛି । ଆପାତ ଦୃଷ୍ଟିରେ ଏହି ଦୁଇପ୍ରକାର ବ୍ୟୟ ଭିତରେ ମୌଳିକ ପାର୍ଥକ୍ୟ ହେଲା, ଭାରିତ ବ୍ୟୟ ସାଧାରଣତଃ ରାଷ୍ଟ୍ର ବା ଶାସନର ପରିଚାଳନା ପାଇଁ ଅପରିହାର୍ଯ୍ୟ ବ୍ୟୟସମୂହ, କିନ୍ତୁ ବ୍ୟୟମଞ୍ଜୁରି ପାଇଁ ଦାବୀସମୂହ ହେଲା ସମାଜ ଓ ଜନସାଧରଣଙ୍କ ଉନ୍ନତି (ଯଥା କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ଇତ୍ୟାଦି) ଲକ୍ଷ୍ୟେ ଉଦ୍ଦିଷ୍ଟ ବ୍ୟୟସମୂହ । ଦ୍ୱିତୀୟ ମୌଳିକ ପାର୍ଥକ୍ୟ ହେଲା, ଭାରିତ ବ୍ୟୟ ଉପରେ ସଂସଦର କୌଣସି ଭୋଟ୍ ଅଧିକାର ନାହିଁ, ଅଥଚ ବ୍ୟୟମଞ୍ଜୁରି ଦାବୀସମୂହ ଉପରେ ସଂସଦର ଏକ ସୀମିତ ଏବଂ ସ୍ୱତନ୍ତ୍ର ଧରଣର ଭୋଟ୍ ଅଧିକାର ଅଛି । ଯାହା ହେଉନା କାହିଁକି, ସାଧାରଣ ଲୋକେ ଜାଣିବାକୁ ଚାହିଁବେ, ସେମାନଙ୍କ କରଖଜଣାରେ ଗଠିତ ରାଜକୋଷରୁ କେତେ ଅଂଶ ଶାସନର ପରିଚାଳନା ବା ସିଧାକଥାରେ ଶାସକବର୍ଗଙ୍କ ପାଇଁ ଏବଂ ବାକୀ କେତେଅଂଶ ସେମାନଙ୍କର ଅର୍ଥାତ୍ ନାଗରିକମାନଙ୍କ ପ୍ରତ୍ୟକ୍ଷ କଲ୍ୟାଣ ବାବଦରେ ଖର୍ଚ୍ଚ ହେଉଛି ଏବଂ ସମସ୍ତ ବ୍ୟୟବରାଦ ଉପରେ ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନେ କି ପ୍ରକାର ଭୂମିକା ଗ୍ରହଣ କରୁଛନ୍ତି ?

## ଭାରିତ ବ୍ୟୟର ଉପାଦାନସମୂହ

ସମ୍ବିଧାନର ଧାରା ୧୧୨(୨) ଅନୁଯାୟୀ ପତିବର୍ଷ ସଂସଦରେ ଉପସ୍ଥାପିତ ହେଉଥିବା ବାର୍ଷିକ ଆର୍ଥିକ ବିବରଣୀ ବା ବଜେଟ୍‌ରେ ଉଭୟ ଭାରିତ (ଚାର୍ଯ୍ୟଡ୍) ଓ ସ୍ୱୀକୃତ (ଭୋଟେଡ୍) ବ୍ୟୟର ଅଟକଳ ଅଲଗା ଅଲଗା ଭାବେ ଦର୍ଶିତ ହୋଇଥାଏ ଏବଂ ଧାରା ୧୧୨(୩) ଅନୁଯାୟୀ ଭାରିତ ବ୍ୟୟ ଭିତରେ ନିମ୍ନୋକ୍ତ ବିଷୟମାନ ଅନ୍ତର୍ଭୁକ୍ତ ରହିବ, ଯଥା ରାଷ୍ଟ୍ରପତି ଏବଂ ତାଙ୍କର ଦପ୍ତର ସଂପର୍କୀତ ସମସ୍ତ ଖର୍ଚ୍ଚ; ରାଜ୍ୟସଭାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ତଥା ଲୋକସଭାର ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ବେତନ ଓ ଭତ୍ତାସମୂହ ; ଭାରତ ସରକାରଙ୍କ ଦ୍ୱାରା ଉଠାଯାଇଥିବା ଋଣ ଓ ତହିଁର ସୁଧ ଆଦିର ପରିଶୋଧ ଏବଂ ଅନ୍ୟାନ୍ୟ ଦେୟମୋଚନ, ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟମାନଙ୍କର ବିଚାରପତିମାନଙ୍କର ବେତନ, ଭତ୍ତା ଓ ପେନସନ୍; ଭାରତର ମହା ହିସାବ ନିୟନ୍ତ୍ରକ-ସମୀକ୍ଷକ (ସି.ଏ.ଜି.)ଙ୍କ ବେତନ, ଭତ୍ତା ଓ ପେନସନ୍ ବାବଦ ବ୍ୟୟ ; କୌଣସି କୋର୍ଟ ବା ଟ୍ରିବ୍ୟୁନାଲ୍‌ର ଆଦେଶ ପାଳନାର୍ଥେ ଆବଶ୍ୟକ ହେଉଥିବା ବ୍ୟୟ ; ଏବଂ ଅନ୍ୟ ସମସ୍ତ ବ୍ୟୟ, ଯାହାକି ଆଇନ୍ ବଳରେ ନିର୍ଦ୍ଦେଶିତ ହୋଇପାରେ ।

## ଭାରିତ ବ୍ୟୟର କ୍ରମବର୍ଦ୍ଧିଷ୍ଣୁ ବିଷୟସୂଚୀ

ଯଦିଓ ଧାରା ୧୧୨(୩) ଓ ୨୦୨(୩)ରେ ଯଥାକ୍ରମେ କେନ୍ଦ୍ର ବା ରାଜ୍ୟର ଭାରିତ ବ୍ୟୟ ଅଧୀନରେ ମାତ୍ର ଅଳ୍ପ କେତୋଟି ନିର୍ଦ୍ଦିଷ୍ଟ ବିଷୟ ସୂଚୀତ ହୋଇଛି, କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରତିବର୍ଷ ବଜେଟ୍‌ରେ ଆମେ ଭାରିତ ବ୍ୟୟର ବିଷୟସୂଚୀ ଭିତରେ ନୂଆନୂଆ ବିଷୟ ଭର୍ତ୍ତି ହେଉଥିବାର ଲକ୍ଷ୍ୟ କରୁଛୁ । ଯେହେତୁ ଧାରା ୧୧୨(୨) ଏବଂ ୨୦୨(୨)ରେ ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆଇନ୍ ବଳରେ ଅନ୍ୟ ଯେ କୌଣସି ବିଷୟକୁ ଭାରିତ ବ୍ୟୟ ଶ୍ରେଣୀରେ ଭର୍ତ୍ତି କରିବା ପାଇଁ କ୍ଷମତା ଦିଆଯାଇଛି, ତାକୁ ଉପଯୋଗ କରି ସେମାନେ ଭାରିତ ବ୍ୟୟରେ ନୂଆନୂଆ ବିଷୟକୁ ଭର୍ତ୍ତି କରିବା ସହିତ କେତେ ନିର୍ଦ୍ଦିଷ୍ଟ ଧରଣର ଭାରିତ ବ୍ୟୟର ପରିମାଣ ବର୍ଷକୁ ବର୍ଷ ବୃଦ୍ଧି କରିଚାଲିଛନ୍ତି । ଉଦାହରଣ ସ୍ୱରୂପ, ଚଳିତ ବର୍ଷର କେନ୍ଦ୍ରୀୟ ବଜେଟ୍ (୨୦୦୯-୧୦)ରେ ଭାରିତ ବ୍ୟୟର ଯେଉଁ ସୁଦୀର୍ଘ ତାଲିକା ଦିଆଯାଇଛି, ତାହା ମଧ୍ୟରେ ଧାରା ୧୧୨(୩)ରେ ସୂଚୀତ ହୋଇଥିବା ସୀମିତ ସଂଖ୍ୟକ ବିଷୟ ସମେତ ମୋଟ୍ ପ୍ରାୟ ୫୦ଟି ଶୀର୍ଷକ ଅଧୀନରେ ବହୁ ଉନ୍ନୟନ-ମୁଖୀ ମନ୍ତ୍ରଣାଳୟ/ବିଭାଗ/କାର୍ଯ୍ୟକ୍ରମର ନିର୍ଦ୍ଦିଷ୍ଟ ବ୍ୟୟ ଅଟକଳକୁ ଅନ୍ତର୍ଭୁକ୍ତ କରଯାଇଛି, ଯଥା ପ୍ରତିରକ୍ଷା, ପୋଲିସ୍, ମହାକାଶ ଗବେଷଣା, ପରମାଣୁ ଗବେଷଣା, ଖଣିଜ ସଂପଦ, ସଡକ ଓ ପୋଲ, ଗୃହନିର୍ମାଣ, ଜଙ୍ଗଲ ଓ ବନ୍ୟପ୍ରାଣୀ, ପୂର୍ତ୍ତନିର୍ମାଣ, ଡାକସେବା, ଯୋଗାଣ, ନଗର ଉନ୍ନୟନ, ପରିବହନ ଓ ଶ୍ରମ ଓ ନିଯୁକ୍ତି ଇତ୍ୟାଦି । କିନ୍ତୁ ବିଡମ୍ବନାର ବିଷୟ, ମୋଟ୍ ଭାରିତ ବ୍ୟୟ ଅଧୀନରେ ଯେଉଁ ବାବଦରେ ସର୍ବାଧିକ ଅର୍ଥରାଶି ଦର୍ଶାଯାଇଛି, ତାହା ହେଲା ସରକାର ଅତୀତରେ କରିଥିବା ଋଣ ଓ ତହିଁର ସୁଧ ଏବଂ ତତ୍ ସଂକ୍ରାନ୍ତୀୟ ବିଷୟ ।

## ଚଳିତବର୍ଷ ବଜେଟ୍‌ରେ ଭାରିତ ଓ ଅଭାରିତ ବ୍ୟୟ

କେନ୍ଦ୍ରୀୟ ବଜେଟ୍ ୨୦୦୯-୧୦ର ସାରାଂଶ ଭାବେ ଅର୍ଥମନ୍ତ୍ରୀ ଯେଉଁ ଦଲିଲ୍ ଗତ ୬ଜୁଲାଇରେ ସଂସଦରେ ପେଶ୍ କରିଛନ୍ତି, ସେଥିରୁ ଜଣାପଡେ ଯେ, ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ଏବଂ ବିଷୟ ବାବଦରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ୍ ୩୦୪୩୨୫୫ କୋଟି ୮୮ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି, ଯେଉଁଥିରେ ଭାରିତ (ଚାର୍ଯ୍ୟଡ୍) ବ୍ୟୟର ପରିମାଣ ହେଉଛି ୨୧୫୬୦୬୨ କୋଟି ୨ଲକ୍ଷ (ଶତକଡା ୭୧ରୁ ସାମାନ୍ୟ କମ୍) ଏବଂ ସ୍ୱୀକୃତ (ଭୋଟେଡ୍) ବ୍ୟୟର ପରିମାଣ ହେଉଛି ୮୮୭୧୯୩ କୋଟି ୮୬ଲକ୍ଷ ଟଙ୍କା (ଶତକଡା ୨୯ରୁ ସାମାନ୍ୟ ବେଶୀ) । ସେହିପରି ଗତ ଆର୍ଥିକ ବର୍ଷ (୨୦୦୮-୦୯)ର ମୋଟ ବ୍ୟୟ ଥିଲା ୩୨୬୨୦୬୬ କୋଟି ୮୧ଲକ୍ଷ ଟଙ୍କା, ଯେଉଁଥିରେ ଭାରିତ ବ୍ୟୟର ପରିମାଣ ଥିଲା

୨୩୬୮୦୪୯ କୋଟି ୮୧ ଲକ୍ଷ (ଶତକଡା ୭୨.୬ରୁ ସାମାନ୍ୟ କମ୍) ଏବଂ ସ୍ୱୀକୃତ ବ୍ୟୟ ଥିଲା ୮୯୪୦୧୭ କୋଟି ଟଙ୍କା (ଶତକଡା ୨୭.୪ରୁ ସାମାନ୍ୟ ବେଶୀ) । ସୁତରାଂ ଦେଖାଯାଉଛି, ରାଜକୋଷରୁ ମୋଟ୍ ବ୍ୟୟର ଏକ ସିଂହ ଭାଗ, ଅର୍ଥାତ୍ ପ୍ରାୟ ତିନିଚତୁର୍ଥାଂଶ ଅର୍ଥରାଶି ଭାରିତ ବ୍ୟୟ ବାବଦରେ ଖର୍ଚ୍ଚ କରାଯାଉଛି ।

**ଭାରିତ ବ୍ୟୟ କାହିଁକି ଏତେ ଭାରି ?**

୨୦୦୯-୧୦ର ଅଟକଳରେ ଦର୍ଶାଯାଇଛି ଯେ, କେନ୍ଦ୍ର ସରକାର ଅତୀତରେ କରିଥିବା ଆଭ୍ୟନ୍ତରୀଣ ଋଣର ପରିଶୋଧ ବାବଦ ମୋଟ୍ ୧୮୬୯୮୦୯ କୋଟି ୩୭ ଲକ୍ଷ ଟଙ୍କା (ଶତକଡା ୮୬.୭୨ରୁ ଅଧିକ) ଏବଂ ବୈଦେଶିକ ଋଣ ପରିଶୋଧ ବାବଦ ୧୧୦୩୩ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟ କରାଯିବ (ଶତକଡା ୦.୫୧ରୁ ସାମାନ୍ୟ ବେଶୀ) । ଏହାଛଡା ପୁଣି ଅତୀତର ଋଣ ପାଇଁ କେବଳ ସୁଧ ବାବଦ ଦିଆଯିବ ୨୨୮୨୯୭ କୋଟି ୪୦ ଲକ୍ଷ (ଶତକଡା ୧୦.୫୮ରୁ ଅଧିକ) ଏବଂ ପୁଣି ଭବିଷ୍ୟତରେ ଋଣ ନକରିବା ଏବଂ ଋଣର ପରିମାଣକୁ ହ୍ରାସ କରିବା ପାଇଁ ଖର୍ଚ୍ଚ କରାଯିବ ୨୪୦୦ କୋଟି ଟଙ୍କା (ଶତକଡା ୦.୧୧ରୁ ସାମାନ୍ୟ ବେଶୀ) । ଏହି ଚାରୋଟି ଭାରିତ ବ୍ୟୟବରାଦର ମୋଟ୍ ପରିମାଣ ହେଉଛି ୨୧୧୧୫୪୦ କୋଟି ୬୧ ଲକ୍ଷ ଟଙ୍କା, ଯାହାକି ସମୁଦାୟ ଭାରିତ ବ୍ୟୟର ଶତକଡା ପ୍ରାୟ ୯୮ । ଅର୍ଥାତ୍ ମୋଟ ଭାରିତ ବ୍ୟୟର ପ୍ରାୟ ଶତକଡା ୯୮ ଭାଗ କେନ୍ଦ୍ର ସରକାର କେବଳ ଖର୍ଚ୍ଚ କରୁଛନ୍ତି ବିଭିନ୍ନ ସୂତ୍ରରୁ ଅତୀତରେ ସଂଗ୍ରହ କରିଥିବା ଋଣ ଓ ତହିଁର ସୁଧ ପରିଶୋଧ ବାବଦ, ଏବଂ ମାତ୍ର ୨ଭାଗ ଖର୍ଚ୍ଚ ହେଉଛି କେନ୍ଦ୍ରସରକାରଙ୍କ ଶାସନକାର୍ଯ୍ୟ ପରିଚାଳନା ବାବଦରେ । ଆଉ ଏକ ଦୃଷ୍ଟିରୁ ବିଚର କଲେ, ଋଣ ଓ ସୁଧ ପରିଶୋଧ ବାବଦ ଉପରୋକ୍ତ ମତେ ଯେଉଁ ଭାରିତ ଅର୍ଥରାଶି ବ୍ୟୟ କରାଯାଉଛି, ତାହା ମୋଟ୍ ଯୋଜନା ଓ ଅଣଯୋଜନା ପାଇଁ ବ୍ୟୟବରାଦ (ମୋଟ୍ ୧୦୨୦୮୩୮ କୋଟି ଟଙ୍କା)ର ଦୁଇଗୁଣରୁ ଅଧିକ ।

**ଭାରିତ ବ୍ୟୟ ସାମନାରେ ସଂସଦ କ୍ଷମତାହୀନ**

ଏହା ଏକ ମସ୍ତବଡ ବିଡମ୍ବନା ଯେ, ଭାରିତ ବ୍ୟୟ କେନ୍ଦ୍ରୀୟ ବଜେଟ୍‌ର ମୋଟ ବ୍ୟୟବରାଦର ପ୍ରାୟ ତିନିଚତୁର୍ଥାଂଶ ହୋଇଥିଲେ ହେଁ ଏହାଉପରେ ସଂସଦ ବା ଆଇନ୍‌ସଭାର ଭୋଟ୍ ଅଧିକାର ନାହିଁ , ଅର୍ଥାତ୍ ବଜେଟ୍‌ରେ ଯେତିକି ଅର୍ଥରାଶି ଭାରିତ ବ୍ୟୟ ପିଛା ଦର୍ଶିତ ହୋଇଥିବ, ତାକୁ କମ୍‌ବେଶୀ କରିବା ପାଇଁ ସଂସଦର ମୋଟେ କ୍ଷମତା ନାହିଁ । ସମ୍ବିଧାନର ଧାରା ୧୧୩(୧)ରେ କୁହାଯାଇଛି ଯେ, ଭାରିତ ବ୍ୟୟ ଉପରେ ସଂସଦରେ ଆଲୋଚନା ହୋଇପାରେ, କିନ୍ତୁ ଭୋଟ୍ ହୋଇପାରିବ ନାହିଁ । କେବଳ ଅ-ଭାରିତ ବ୍ୟୟ ବା ବ୍ୟୟମଞ୍ଜୁରି ପାଇଁ ଦାବୀସମୂହ ଉପରେ ଯାହାକିଛି ଭୋଟ୍ ହୋଇପାରେ ଏବଂ ତାହା ପୁଣି ସମ୍ବିଧାନରେ ନିର୍ଦ୍ଦେଶିତ ହୋଇଥିବା ଏକ ସ୍ୱତନ୍ତ୍ର ରୀତିରେ ।

**ଅଭାରିତ ବ୍ୟୟ ଉପରେ ସଂସଦର ସୀମିତ କ୍ଷମତା**

ସମ୍ବିଧାନର ଧାରା ୧୧୩(୨) ଅନୁଯାୟୀ, ଭାରିତ ବ୍ୟୟକୁ ଛାଡି ଅନ୍ୟାନ୍ୟ ବ୍ୟୟ ଅଟଳଳଗୁଡିକୁ 'ବ୍ୟୟମଞ୍ଜୁରି ପାଇଁ ଦାବୀସମୂହ' ଆକାରରେ କେବଳ ଲୋକସଭାରେ ଉପସ୍ଥାପନ କରାଯିବ, ଏବଂ ଏତାଦୃଶ କୌଣସି ଦାବୀ ଉପରେ ସେହି ଗୃହ ସମ୍ମତି ଦେଇପାରନ୍ତି ବା ସମ୍ମତି ନଦେଇପାରନ୍ତି ଅଥବା ପ୍ରସ୍ତାବିତ କୌଣସି ବିଷୟର ବ୍ୟୟ ଅଟକଳକୁ ହ୍ରାସ କରାଇବାର ଦାବୀ ଜଣାଇ ସମ୍ମତି ଦେଇପାରନ୍ତି । ସୁତରାଂ ଏଥିରୁ ଗୋଟିଏ କଥା ସ୍ୱଷ୍ଟ, ଯେ କୌଣସି ବିଷୟ, ଏପରିକି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ବା ପରିବହନ ଇତ୍ୟାଦି ପ୍ରତ୍ୟକ୍ଷ ଲୋକସ୍ୱାର୍ଥ ସଂଶ୍ଳିଷ୍ଟ କୌଣସି ବିଷୟ ଉପରେ ଅଟକଳ ବୃଦ୍ଧି ଦାବୀ କରି ଭୋଟ୍ ହୋଇପାରିବ ନାହିଁ, କେବଳ ହ୍ରାସ ପାଇଁ ଭୋଟ୍ ହୋଇପାରେ । ଏଠାରେ ଭୋଟ୍ ଶବ୍ଦର ତାତ୍ପର୍ଯ୍ୟ ମଧ୍ୟ ଆମେ ଠିକ୍ ଭାବେ ବୁଝିବା ଉଚିତ୍ । ଭାରତୀୟ ସମ୍ବିଧାନରେ ସାଧାରଣ ବିଲ୍ ଠାରୁ ମନି (ଅର୍ଥ) ବିଲ୍ ବା ଫାଇନାନ୍ସ (ବିତ୍ତ) ବିଲ୍‌ର ସଂସଦୀୟ ପ୍ରକ୍ରିୟାକୁ ପୁରାପୁରି ଅଲଗା ଦୃଷ୍ଟିରେ ଦେଖାଯାଇଛି । ଦୃଷ୍ଟାନ୍ତ ସ୍ୱରୂପ, ଗୋଟିଏ ସାଧାରଣ ବିଲ୍ ସଂସଦର ଯେ କୌଣସି ଗୃହରୁ ଉତ୍ପନ୍ନ ହୋଇପାରେ (ଧାରା ୧୦୭-୧), କିନ୍ତୁ ଅର୍ଥ ବା ବିତ୍ତ ବିଲ୍ ଅଥବା ଅନୁପୂରକ ବା ଅତିରିକ୍ତ ବା ବଳକା ବ୍ୟୟ ମଞ୍ଜୁରି ବିଲ୍ ରାଷ୍ଟ୍ରପତିଙ୍କ ପ୍ରାକ୍-ଅନୁମୋଦନ ବିନା ସଂସଦର କୌଣସି ଗୃହରେ ପ୍ରବେଶ କରିପାରିବ ନାହିଁ (ଧାରା ୧୧୭-୩ ଏବଂ ଧାରା ୧୧୫-୧) । ପୁଣି ରାଷ୍ଟ୍ରପତିଙ୍କ ସୁପାରିଶ୍ ବିନା କୌଣସି ବ୍ୟୟମଞ୍ଜୁରି ପାଇଁ ଦାବୀ ଲୋକସଭାରେ ଆଲୋଚନା ହୋଇପାରିବ ନାହିଁ (ଧାରା ୧୧୩-୩) । ସର୍ବୋପରି, ଅର୍ଥ ବିଲ୍‌କୁ ନେଇ ଏକ ସ୍ୱତନ୍ତ୍ର ସଂସଦୀୟ ପ୍ରକ୍ରିୟା ଅନୁସୃତ ହେବ (ଧାରା-୧୯), ଯାହାକି ଧାରା-୧୮ରେ ସୂଚୀତ ସାଧାରଣ ବିଲ୍‌ର ପ୍ରକ୍ରିୟା ଠାରୁ ଭିନ୍ନ ହୋଇପାରେ । ଏକଥା ସତ, ଭାରତର ଲୋକସଭା ଗୃହ ପରିଚାଳନା ପାଇଁ ପ୍ରଣୟନ କରିଥିବା ନିୟମାବଳୀରେ ସମ୍ବିଧାନର ଧାରା ୧୧୩(୨)ରେ ସୂଚୀତ ହୋଇଥିବା ବ୍ୟୟକାଟ ପ୍ରସ୍ତାବ (କଟ୍ ମୋସନ୍ ) ଉପରେ ଆଲୋଚନା ଓ ଭୋଟ୍ ଗ୍ରହଣର ପଦ୍ଧତିର ଅବତାରଣା କରାଯାଇଛି । ବଜେଟ୍ ଅଧିବେଶନ୍‌ର ଶେଷଦିନ ସମସ୍ତ ବ୍ୟୟକାଟ ପ୍ରସ୍ତାବକୁ ଏକାଠି କରି ବାଚସ୍ପତି ତଥାକଥିତ ଗିଲୋଟିନ୍ ପଦ୍ଧତିରେ ତୋଫାନୀ ରୀତିରେ ଗୃହର ସମ୍ମତି ଗ୍ରହଣ କରାଇନେବାର ଯେଉଁ ବ୍ୟବସ୍ଥା ରହିଛି ତାହା ବାସ୍ତବ ଅର୍ଥରେ ଗୃହର ଭୋଟ୍ ଅଧିକାର ନୁହେଁ ।

**କ'ଣ କରାଯିବ ?**

ଅନ୍ୟ କୌଣସି ଗଣତାନ୍ତ୍ରିକ ଦେଶରେ ବଜେଟ୍‌ର ଏକ ବିପୁଳ ଅଂଶକୁ ସଂସଦୀୟ ଭୋଟ୍ ଅଧିକାର ବାହାରେ ରଖିବାର ନଜିର୍ ନାହିଁ । ଔପନିବେଶିକ ଶାସନ ଅମଳରେ ଇଂରେଜମାନେ ନିଜର ଶାସନକାର୍ଯ୍ୟ ପାଇଁ ଯେତିକି ଅର୍ଥ (ଭାରିତ ବ୍ୟୟ) ଦରକାର, ତାହାକୁ ସଂସଦରେ ଗୃହୀତ କରାଇ ନେବାବେଳେ ଭାରତୀୟମାନେ ସେଥିରେ ଯେଭଳି କୌଣସି ଅଦଳବଦଳ କରିପାରିବେ ନାହିଁ, ସେହି ଲକ୍ଷ୍ୟରେ ସେମାନେ ଭାରତ ଶାସନ ଆଇନ୍ ୧୯୩୫ର ଧାରା ୩୪(୧)ରେ ଅନୁରୂପ ବ୍ୟବସ୍ଥା ରଖିଥିଲେ । କିନ୍ତୁ ସ୍ୱାଧୀନ ଭାରତରେ ଯେଉଁଠି ପ୍ରଜାତନ୍ତ୍ର ଓ ଲୋକପ୍ରତିନିଧି ଶାସନର ବ୍ୟବସ୍ଥା ପ୍ରତିଷ୍ଠିତ ରହିଛି, ସେଠାରେ ଭାରିତ ବ୍ୟୟକୁ ସଂସଦର ଭୋଟ୍ ଅଧିକାର ବାହାରେ ରଖିବାରେ କୌଣସି ଯଥାର୍ଥତା ଅଛି କି ? ବରଂ ଲକ୍ଷ୍ୟ କରାଯାଇଛି, ଭାରିତ ବ୍ୟୟ ସଂସଦୀୟ କ୍ଷମତା-ବଳୟ ବାହାରେ ରହିବା କାରଣରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅମଲାଗୋଷ୍ଠୀ 'ଋଣଂ କୃତ୍ୱଂ ଘୃତଂ ପିବେତ୍' ନ୍ୟାୟରେ ସାରାଦେଶର ଅର୍ଥନୀତିକୁ ଏକ ଋଣଯନ୍ତା ଭିତରକୁ ଠେଲି ଦେଇଛନ୍ତି, ଯାହାର କୁଫଳ ବର୍ତ୍ତମାନର ଓ ଭାବୀ ନାଗରିକ ସମାଜ ଭୋଗିବାକୁ ବାଧ୍ୟ । ସୁତରାଂ ଏହି ଲେଖକର ପରାମର୍ଶ ହେଲା, ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ବିଧାନର ଧାରା ୧୦୭ରୁ ୧୧୯ (କେନ୍ଦ୍ରୀୟ ବଜେଟ୍) ଏବଂ ଧାରା ୧୯୬ରୁ ୨୦୯କୁ ଆମୂଳଚୂଳ ସଂଶୋଧନ କରାଯାଇ ଅର୍ଥ ଓ ବିତ୍ତ ବିଧେୟକ ଉପରେ ଯଥାକ୍ରମେ ସଂସଦ ଏବଂ ରାଜ୍ୟ ଆଇନ୍ ସଭାର ସେତିକି ଭୋଟ୍ ଅଧିକାର ପ୍ରତିଷ୍ଠା କରଯାଉ, ଯାହାକି ସାଧାରଣ ବିଧେୟକ କ୍ଷେତ୍ରରେ ବର୍ତ୍ତମାନ ଉପଲବ୍ଧ ରହିଛି

***Chitta Behera, 4A Jubilee Tower, Choudhury Bazar, Cuttack-9, M-9437577546, Dt 27th Aug. 2009***